ବିଶ୍ୱନାଥନ ଆନନ୍ଦଙ୍କୁ ଅନ୍ତରୀଣ ଫିଡେ ସଭାପତି

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ୫ ଥରର ବିଶ୍ୱ ବିଜେତା ବିଶ୍ୱନାଥନ ଆନନ୍ଦଙ୍କୁ ଅନ୍ତରୀଣ ଫିଡେ ସଭାପତି ଭାବେ ନିଯୁକ୍ତି କରାଯାଇଛି।୨୦୨୨ରୁ ୟୁକ୍ରେନ୍ ସହ ରୁଷ ଯୁଦ୍ଧ ଚଲାଇଥିବାରୁ ଏହି ଦେଶର ୧୭୦ ସଂସ୍ଥା ଓ ୪୮ ବ୍ୟକ୍ତିଙ୍କ ଉପରେ ୟୁରୋପୀୟ ୟୁନିୟନ୍ (ଇୟୁ) ଦଣ୍ଡାତ୍ମକ କଟକଣା ଲାଗାଇଛି। ଏହି ତାଲିକାରେ ପୂର୍ବତନ ଫିଡେ ସଭାପତି ଆର୍କାଡି ଭୋର୍କୋଭିକ୍ ରହିଛନ୍ତି। ଫଳରେ ସେ ନିଜ ଦାୟିତ୍ୱରୁ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଫିଡେ ନିୟମର ଧାରା ୧୯.୨ ଅନୁଯାୟୀ ଉପସଭାପତି ଆନନ୍ଦଙ୍କୁ ଏହି ଦାୟିତ୍ୱ ମିଳିଛି। ସମସ୍ୟା ସମାଧାନ କିମ୍ବା ନୂତନ ସଭାପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଆନନ୍ଦ ବିଶ୍ୱ ଚେସ୍ର ମଙ୍ଗ ସମ୍ଭାଳିବେ।

ଚଳିତ ବର୍ଷ ସେପ୍ଟେମ୍ବରରେ ଫିଡେର ନିର୍ବାଚନ ହେବା ରହିଛି। ''ଫିଡେ ନିୟମର ଧାରା ୧୯.୨ ଅନୁଯାୟୀ, ଉପସଭାପତି ବିଶ୍ୱନାଥନ ଆନନ୍ଦ ଏହି ଦାୟିତ୍ୱରେ ରହିବେ। ସ୍ୱିସ୍ ଓ ଇୟୁ ପ୍ରତିବନ୍ଧରୁ ଭୋର୍କୋଭିକ୍ ନ ମୁକୁଳିବା ପର୍ଯ୍ୟନ୍ତ ଆନନ୍ଦ ସଭାପତି ରହିବେ'' ବୋଲି ଫିଡେ ପକ୍ଷରୁ ଜାରି ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ରୁଷିଆର ଉପପ୍ରଧାନମନ୍ତ୍ରୀ ଥିବା ଭୋର୍କୋଭିକ୍ ଏହା ବିରୋଧରେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ଏସିଆନ ଗେମ୍ସ କ୍ରିକେଟ: କ୍ୱାର୍ଟର ଫାଇନାଲରୁ ଭାରତର ଅଭିଯାନ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି):ଜାପାନର ନାଗୋୟାରେ ଚଳିତ ବର୍ଷ ଅନୁଷ୍ଠିତ ହେବାକୁ ଥିବା ଏସିଆନ ଗେମ୍ସରେ ଟି-୨୦ କ୍ରିକେଟ ଇଭେଣ୍ଟ ସାମିଲ କରାଯାଇଛି । ଆସନ୍ତା ୨୪ ସେପ୍ଟେମ୍ବରରୁ ୧ ଅକ୍ଟୋବର ପର୍ଯ୍ୟନ୍ତ କ୍ରିକେଟ ମୁକାବିଲା ଆୟୋଜିତ ହେବ । ଏଥିରେ ୧୦ ଟିମ ଅଂଶଗ୍ରହଣ କରିବେ। ର‍ୟାଙ୍କିଂ ଆଧାରରେ ଭାରତ, ବାଂଲାଦେଶ, ପାକିସ୍ତାନ ଓ ଶ୍ରୀଲଙ୍କା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ।

ତେଣୁ ଭାରତୀୟ କ୍ରିକେଟ ଟିମ ଏସିଆନ ଗେମ୍ସ ୨୦୨୬ରେ କ୍ୱାର୍ଟର ଫାଇନାଲରୁ ଆରମ୍ଭ କରିବ ଅଭିଯାନ । ଉଭୟ ପୁରୁଷ ଓ ମହିଳା ଟିମ ସିଧାସଳଖ ନକଆଉଟରେ ପ୍ରବେଶ କରିଛନ୍ତି । ଆଫଗାନିସ୍ତାନ, ହଂକଂ, ଜାପାନ, ମାଲେସିଆ, ନେପାଳ ଓ ଓମାନ ଟିମ ପ୍ରିଲିମିନରୀ ରାଉଣ୍ଡରୁ ଅଭିଯାନ ଆରମ୍ଭ କରିବେ । ଏଥି ମଧ୍ୟରୁ ୪ଟି ଟିମ କ୍ୱାର୍ଟରକୁ ଉନ୍ନୀତ ହେବେ । ମହିଳା ବିଭାଗରେ ୮ଟି ଟିମ ଅଂଶଗ୍ରହଣ କରିବେ । କ୍ୱାର୍ଟରଫାଇନାଲରୁ ସିଧାସଳଖ ଅଭିଯାନ ଆରମ୍ଭ ହେବ । ଭାରତ ପ୍ରଥମ ମ୍ୟାଚରେ ଆୟୋଜକ ଜାପାନକୁ ଭେଟିବ ।ସୂଚନା ଯୋଗ୍ୟ ଯେ ୨୦୨୩ ଏସିଆନ ଗେମ୍ସରେ ଭାରତୀୟ ପୁରୁଷ ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା।

ଭାରତ–ଆଫଗାନିସ୍ତାନ ଟି–୨୦ ସିରିଜ ଆୟୋଜନ ଯୋଜନା

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଗତମାସରେ ଗୋଟିଏ ଟେଷ୍ଟ ଓ ୩ଟି ଦିନିକିଆ ମ୍ୟାଚ ଖେଳା ଯାଇଥିଲା ।ଆଫଗାନିସ୍ତାନ ଟିମ ଗୋଟିଏ ମ୍ୟାଚରେ ବିଜୟ ହାସଲ କରିପାରି ନ ଥିଲା । ପୂର୍ଣ୍ଣବାର ଉଭୟ ଟିମ ମଧ୍ୟରେ ଆଉ ଏକ ସିରିଜ ଦେଖିବାକୁ ହୋଇପାରେ। ଆସନ୍ତା ସେପ୍ଟେମ୍ବରରେ ଉଭୟ ଦେଶ ମଧ୍ୟରେ ୩ଟି ଟି–୨୦ ମ୍ୟାଚ ଖେଳାଯିବା ନେଇ ଯୋଜନା ଚାଲିଛି । ଆଫଗାନିସ୍ତାନ ଏହାକୁ ଆୟୋଜନ କରିବ । ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଏହି ୩ଟି ମ୍ୟାଚ ଖେଳାଯାଇପାରେ।

ଆଫଗାନିସ୍ତାନ ଭାରତରେ ଏହା ପୂର୍ବରୁ ଲକ୍ଷ୍ନୌ, ଡେରାଡୁନ ଓ ଗ୍ରେଟର ନୋଏଡାରେ ମ୍ୟାଚ ଖେଳିସାରିଛି । ଶ୍ରୀଲଙ୍କା ଗସ୍ତ ଓ ଏସିଆନ ଗେମ୍ସ ମଧ୍ୟରେ ଏହି ସିରିଜ ଖେଳିବା ପାଇଁ ପ୍ରସ୍ତାବ ଦିଆଯାଇଛି ।ତେବେ ବିସିସିଆଇ ପକ୍ଷରୁ ବିଧିବଦ୍ଧ ଭାବେ ଏ ନେଇ ଘୋଷଣା କରାଯାଇ ନାହିଁ । ଧଳାବଲ କ୍ରିକେଟରେ ଭାରତୀୟ ଟିମର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି ।ନିକଟରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରେ ଭାରତ ଖେଳିଥିବା ସିରିଜରେ ଭାରତ ଶୋଚନୀୟ ପରାଜୟବରଣ କରିଥିଲା।

ଏସୀୟ ଯୁବ ୫ଏସ୍ ହକି : ଭାରତୀୟ ପୁରୁଷ ଓ ମହିଳା ଦଳର ବିଜୟ ଜାରି

ମସ୍କଟ,୨୪। ୭(ଏଜେନ୍ସି): ଏଠାରେ ଚାଲିଥିବା ଚଳିତ ଏସୀୟ ଯୁବ ୫ଏସ୍ ହକି ପ୍ରତିଯୋଗିତାରେ ଭାରତର ଉପକନିଷ୍ଠ ମହିଳା ଓ ପୁରୁଷ ଦଳ ଏଲିଟ୍ ପୁଲରେ ବିଜୟ ଜାରି ରଖିଛନ୍ତି । ମହିଳା ଦଳ ୧୦-୦ରେ କାଜାଖସ୍ତାନକୁ ଏବଂ ପୁରୁଷ ଦଳ ୮-୨ରେ ବାଂଲାଦେଶକୁ ମ୍ୟା ଦେଇଥିଲେଇ ଆରମ୍ଭରୁ ନେସୀନ ନାଜଙ୍କ ଯୁଗଳ ଗୋଲ୍ରେ ଭାରତୀୟ ମହିଳା ଦଳ ପ୍ରଥମାର୍ଦ୍ଧରେ ୨-୦ରେ ଆଗୁଆ ରହିଥିଲାଛ ଦ୍ୱିତୀୟାର୍ଦ୍ଧରେ ଆଉ ୮ ଗୋଲ୍ ଲଦି ଭାରତ ବିଜୟୀ ହୋଇଥିଲାଛ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ସନ୍ଦୀପା କୁମାରୀ (୧୧, ୧୬, ୧୮ ମିନିଟ୍) ହ୍ୟାଟ୍ରିକ୍ ଅର୍ଜନ କରିଥିଲା ବେଳେ ନେସୀନ (୧, ୧, ୧୫, ୨୦ ମିନିଟ୍) ୪, କିରଣ ଏକ୍କା (୧୫ ମିନିଟ୍), ନିଲମ ଟୋପ୍ପୋ (୧୭ ମିନିଟ୍) ଓ ପୁଷ୍ପା ମାଝ୍ଝି (୧୯ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ କରିଥିଲେ।

ତେବେ ପୁରୁଷ ଦଳ ପ୍ରଥମାର୍ଦ୍ଧରେ ବାଂଲାଦେଶ ବିପକ୍ଷରେ ୩-୨ରେ ଆଗୁଆ ରହିଥିଲା। ମ୍ୟାଚ୍ର ଶ୍ରେଷ୍ଠ ପୁରସ୍କାର ପାଇଥିବା କେତନ କୁଶ୍ୱା (୪, ୮ ମିନିଟ୍) ଦୁଇଟି ଏବଂ ଶାହରୁଖ ଅଲୀ (୩ ମିନିଟ୍) ଗୋଟିଏ ଗୋଲ୍ କରିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ଭାରତ ୫ ଗୋଲ୍ ସ୍କୋର କରିବା ସହ ୮-୩ରେ ବିଜୟୀ ହୋଇଥିଲା।

ବାଣିଜ୍ୟ ଏବଂ ରାଜ୍ୟ ଖବର

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାରେ ପଲ୍ସ ପୋଲିଓ ଅଭିଯାନ

ଝାରସୁଗୁଡ଼ା,୨୪।୭(ନି.ପ୍ର): ସମୁଦାୟ ସ୍ୱାସ୍ଥ୍ୟ ଓ ଶିଶୁ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃଦୃଢ଼ କରି ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହ ମିଳିତ ଭାବେ ଝାରସୁଗୁଡ଼ାର ୧୬ଟି ନିର୍ଦ୍ଧାରିତ ବୁଥରେ ପଲ୍ସ ପୋଲିଓ ଟିକାକରଣ ଅଭିଯାନକୁ ସହଯୋଗ କରିଛି । ଭାରତ ସରକାରଙ୍କ ଦେଶବ୍ୟାପୀ ପଲ୍ସ ପୋଲିଓ କାର୍ଯ୍ୟକ୍ରମ ଅଧୀନରେ ପରିଚାଳିତ ଏହି ଅଭିଯାନରେ ୫ ବର୍ଷରୁ କମ୍ ବୟସର ୧,୫୦୦ରୁ ଅଧିକ ଶିଶୁଙ୍କୁ ସଫଳତାର ସହ ପୋଲିଓ ଟିକା ପ୍ରଦାନ କରାଯାଇଥିଲା । ସମୟୋପଯୋଗୀ ଟିକାକରଣ, ଜନସଚେତନତା ଏବଂ ଗ୍ରାମାଂଚଳରେ ସ୍ୱାସ୍ଥ୍ୟସେବା ପହଂଚାଇବା ମାଧ୍ୟମରେ ଏହି ପଦକ୍ଷେପ ପୋଲିଓ ନିରାକରଣ ପ୍ରୟାସକୁ ଅଧିକ ସୁଦୃଢ଼ କରିଛି। ଝାରସୁଗୁଡ଼ାରେ ଆୟୋଜିତ ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ, ଅଙ୍ଗନଓ୍ୱାଡ଼ି କର୍ମଚାରୀ, କ୍ଷେତ୍ରସ୍ତରୀୟ ସ୍ୱେଚ୍ଛାସେବୀ ଓ ସମୁଦାୟ ପ୍ରତିନିଧିମାନେ ସାମିଲ ହୋଇ ସମସ୍ତ ବ୍ଲକରେ ସମ୍ପୂର୍ଣ୍ଣ ଟିକାକରଣ ସୁନିଶ୍ଚିତ କରିଥିଲେ । ବେଦାନ୍ତ ଆଲୁମିନିୟମ ପକ୍ଷରୁ ଲଜିଷ୍ଟିକ୍ ସହଯୋଗ, ଜନସଚେତନତା ଏବଂ କ୍ଷେତ୍ରସ୍ତରରେ ସମନ୍ୱୟ ପ୍ରଦାନ କରାଯାଇଥିଲା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ)ର ଏକ ଉଚ୍ଚସ୍ତରୀୟ ପର୍ଯ୍ୟବେକ୍ଷଣ ଦଳ ବିଭିନ୍ନ ବୁଥ୍ ପରିଦର୍ଶନ କରି ଟିକାର କୋଲ୍ଡ-ଚେନ୍ ବ୍ୟବସ୍ଥାପନା, ସଠିକ୍ ରେକର୍ଡ ସଂରକ୍ଷଣ ଏବଂ ଉତ୍କୃଷ୍ଟ ସମନ୍ୱୟକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ଶିଶୁମାନଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ହିଁ ଏକ ସୁଦୃଢ଼ ଓ ସକ୍ଷମ ସମାଜ ଗଠନର ମୂଳ ଆଧାର ଏହି ସହଭାଗିତା ମାଧ୍ୟମରେ ଆମେ ଜିଲ୍ଲା ପ୍ରଶାସନକୁ ପ୍ରତ୍ୟେକ ଯୋଗ୍ୟ ଶିଶୁଙ୍କ ନିକଟରେ ଆବଶ୍ୟକ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପହଂଚାଇବାରେ ସହଯୋଗ କରୁଛୁ । ଝାରସୁଗୁଡ଼ାର ପରିବାରମାନଙ୍କ ସକ୍ରିୟ ଅଂଶଗ୍ରହଣ ଏହି ଅଭିଯାନର ସଫଳତାକୁ ପ୍ରତିଫଳିତ କରୁଛି ଏବଂ ଅର୍ଥପୂର୍ଣ୍ଣ ସହଭାଗିତା ମାଧ୍ୟମରେ ସୁଲଭ ସ୍ୱାସ୍ଥ୍ୟସେବାକୁ ଆଗେଇ ନେବାକୁ ଆମେ ପ୍ରତିବଦ୍ଧ।

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଭିମୁଖୀକରଣ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୭(ନି.ପ୍ର): କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ୨ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ନୂତନ ପରିସ୍ଥିତିରେ ନିଜକୁ ଅଭ୍ୟସ୍ତ କରିବା ପ୍ରକ୍ରିୟା ବା ଆଭିମୁଖୀ କରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ତଥା କିଟ୍ର ପ୍ରତିଷ୍ଠତା ସଦସ୍ୟ ଡଃ. ଚିତ୍ତରଞ୍ଜନ ମିଶ୍ର ଅଧକ୍ଷତା କରି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ବିଭିନ୍ନ ଉପଲବ୍ଧିକୁ ଆପଣେଇବାର ସହଜ, ସରଳ ଉପାୟକୁ ଛାତ୍ରଛାତ୍ରୀ ନିଜର ବ୍ରତ କରିବା ଉପରେ ପରାମର୍ଶ ଦେବା ସହ, ଆମ୍ ସଂଯମୀ ହିଁ ଏହାର ମୂଳମନ୍ତ୍ର ବୋଲି କହିଥିଲେ । କଠିନ ପରିଶ୍ରମ, ଶୃଙ୍ଖଳା ସହିତ ପିତାମାତା ଓ ଗୁରୁଜୀମାନଙ୍କ ପ୍ରତି ସମର୍ପଣ ଭାବ ରଖିଲେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଶ୍ଚତରୁପେ ଭଲ ମଣିଷ ହେବା ସହ କୃତୀ ଛାତ୍ରଛାତ୍ରୀ ହିସାବରେ ସଫଳତା ଲାଭ କରିପାରିବେ । ବିଦ୍ୟାଳୟ ଶିକ୍ଷାରୁ ଉଚ୍ଚତର ବିଦ୍ୟାଳୟରେ ଶିକ୍ଷା ପଦ୍ଧତିକୁ ଆପଣେଇବାକୁ ହେଲେ ନିଜକୁ ନୂତନ ପରିବେଶ ଓ ନୂତନ ପଦ୍ଧତିକୁ ଆଗ୍ରହ ସହ ଗ୍ରହଣ କଲେ ନିଶ୍ଚିତ ରୂପେ ପ୍ରତ୍ୟେକ ଛାତ୍ରଛାତ୍ରୀ ସଫଳ ହେବେ ବୋଲି ଡଃ. ମିଶ୍ର ପିଲାମାନଙ୍କୁ ବିସ୍ତୃତରୂପେ ବୁଝାଇଥିଲେ।।ଅନୁଷ୍ଠାନର ଅଧକ୍ଷ ଡଃ. ତ୍ରିବିକ୍ରମ ଷଡଙ୍ଗୀ ବିଦ୍ୟାଳୟର ପାଠ୍ୟକ୍ରମ କିପରି ଭବିଷ୍ୟତରେ ସୁନାଗରିକମାନଙ୍କୁ ଗଢିବାରେ କାର୍ଯ୍ୟରତ ଶିକ୍ଷକମାନଙ୍କ ନିରନ୍ତର ଉଦ୍ୟମ ଦ୍ୱାରା ସମ୍ଭବ ଏବଂ ଏଥିପାଇଁ ଛାତ୍ରଛାତ୍ରୀ ଦୁଇବର୍ଷ ପାଇଁ ଏହି ଗୁରୁକୂଳରେ ନିଜକୁ ପ୍ରସ୍ତୁତ କରିବା ଉଚିତ୍ କହି ଉତ୍ସାହିତ କରିଥିଲେ ଶେଷରେ ଅନୁଷ୍ଠାନର ଉପାଧକ୍ଷ ଡଃ. ରୁଦ୍ର ମୋହନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

ବିପଦଶଙ୍କୁଳ ଅବସ୍ଥାରେ ମହାନଦୀ ମାଳବନ୍ଧ ସ୍ଲୁଇସ ଫାଟକ, କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଦାବି

କଣ୍ଟିଲୋ, ୨୪।୭ (ନି.ପ୍ର) : ଖଣ୍ଡପଡ଼ା ବ୍ଲକ ଅଧୀନ ବଡବାଣପୁର ପଞ୍ଚାୟତର କୁମୁଣ୍ଡି ଠାରୁ ନିକଟସ୍ଥ ସିଧାମୂଳା ଗ୍ରାମକୁ ସଂଯୋଗ କରୁଥିବା ମହାନଦୀ ମାଳବନ୍ଧରେ ଅବସ୍ଥିତ ସ୍ଲୁଇସ ଫାଟକ ଏବେ ବିପଦଶଙ୍କୁଳ ଅବସ୍ଥାରେ।ଲିଗାଣ ବର୍ଷା ପ୍ରଭାବରେ ଉକ୍ତ ସ୍ଲୁଇସ ଫାଟକର ଉଭୟ ପାର୍ଶ୍ୱରୁ ମାଟି ଅତଡା ଖସି ପଡିଥିବା ବେଳେ କେଉଁ ମୁହୂର୍ତ୍ତରେ ସ୍ଲୁଇସ ଫାଟକରେ ଲାଗିଥିବା ଲୁହା କବାଟଟି କେତେବେଳେ ଖସି ପଡିବ କହିହେବ ନାହିଁ। ସର୍ବଦା ବିପଦଶଙ୍କୁଳ ଅବସ୍ଥାରେ ଥିବା ଉକ୍ତ ସ୍ଲୁଇସ ଫାଟକଟି ପ୍ରତି କଣ୍ଟିଲୋ ଜଳସେଚନ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ କଣ୍ଟିଲୋ, ବଡବାଣପୁର ଓ ସିଧାମୂଳା ପ୍ରଭୃତି ୩ଟି ପଞ୍ଚାୟତର ବାସିନ୍ଦା ଦାବି କରିଛନ୍ତି। ପ୍ରକାଶଥାଉକି ପ୍ରତିବର୍ଷ ଉକ୍ତ ମାଳବନ୍ଧର ଉନ୍ନତିକରଣ ଦିଗରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଥିଲେ ହେଁ ମାଳବନ୍ଧର ଅବସ୍ଥା ସୁଧୁରୁ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ନୟାଗଡ ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ଯୁଦ୍ଧକାଳୀନ ଭିତ୍ତିରେ ଦୃଷ୍ଟି ଦେଇ ବିପଦଶଙ୍କୁଳ ଅବସ୍ଥାରେ ଥିବା ସ୍ଲୁଇସ ଫାଟକର ଉଭୟ ପାର୍ଶ୍ୱରେ ପଥର ପ୍ୟାକିଂ ସହ ସିମେଣ୍ଟ କଂକ୍ରିଟକରଣ କାର୍ଯ୍ୟ କରିବାକୁ ଦାବି ହେଉଛି।

ନଚେତ ଆଗାମୀ ଦିନରେ ମହାନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଲେ ମହାନଦୀ ମାଳବନ୍ଧରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ସ୍ଲୁଇସ ଫାଟକ ଟି ଅଞ୍ଚଳବାସୀଙ୍କ ପାଇଁ ବିପଦର କାରଣ ପାଲଟିବ ବୋଲି ସ୍ଥାନୀୟ ଅଞ୍ଚଳର ଆଲୋଚନା ହେଉଛି।ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ନୀଳାଦ୍ରୀର ୬ତମ ଇନଷ୍ଟଲେସନ୍ ସମାରୋହ ''ନିର୍ମାଲ୍ୟ''

ଭୁବନେଶ୍ୱର,୨୪।୭(ନି.ପ୍ର): ରୋଟାରୀ କ୍ଲବ୍ ଅଫ୍ ଭୁବନେଶ୍ୱର ନୀଳାଦ୍ରୀ ପକ୍ଷରୁ ବୁଧବାର ଦିନ ଭୁବନେଶ୍ୱରର ଖାରବେଳ ନଗରସ୍ଥିତ ହୋଟେଲର କ୍ରିଷ୍ଟାଲ ହଲ୍ରେ ଏହାର ୬ତମ ଇନଷ୍ଟଲେସନ୍ ସମାରୋହ ''ନିର୍ମାଲ୍ୟ'' ବହୁତ ଉତ୍ସାହ ଓ ରୋଟାରୀ ଭାବନା ସହ ଅନୁଷ୍ଠିତ ହୋଇଥିଲା। ରୋଟାରୀ ବର୍ଷ ୨୦୨୬--୨୭ ପାଇଁ କ୍ଲବର କାର୍ଯ୍ୟଯୋଜନାକୁ ଆଗାମୀ ସଚିବ ରୋ. ଅଭିଷେକ ଖେମକା ଉପସ୍ଥାପନ କରିଥିଲେ ।ନବନିର୍ବାଚିତ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଓ ପଦାଧିକାରୀମାନଙ୍କୁ ସଭାପତି ପରିଚୟ କରାଇଥିଲେ ଏବଂ ଇନଷ୍ଟଲେସନ୍ ଅଫିସର ସେମାନଙ୍କୁ ଔପଚାରିକ ଭାବେ ଶପଥ ପାଠ କରାଇଥିଲେ। ପିଡିଜି ରୋ. ଅଜୟ ଅଗ୍ରୱାଲ, ପୂର୍ବତନ ଜିଲ୍ଲାପାଳ, ରୋଟାରୀ ଜିଲ୍ଲା ୩୨୬୨ ଓ କ୍ଲବ ଉପଦେଷ୍ଟା, ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୈତିକ ନେତୃତ୍ୱ, ସେବା ଓ ସଦସ୍ୟତା ବିକାଶର ଗୁରୁତ୍ୱ ଉପରେ ପ୍ରେରଣାଦାୟକ ଅଭିଭାଷଣ ରଖିଥିଲେ। ସେ ନୂତନ ସଦସ୍ୟମାନଙ୍କୁ ଶପଥ ମଧ୍ୟ ପାଠ କରାଇଥିଲେ।ସହାୟକ ଜିଲ୍ଲାପାଳ ମଧ୍ୟ ସଭାକୁ ସମ୍ବୋଧିତ କରିଥିଲେ। ରୋ. ଆଶୁତୋଷ ରଥ, ନାଲକୋର ନିର୍ଦ୍ଦେଶକ (ମାନବ ସମ୍ପଦ), ସମ୍ମାନିତ ଅତିଥି ଭାବେ ଯୋଗଦେଇ ନେତୃତ୍ୱ, ସମୁଦାୟ ବିକାଶ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ଉପରେ ନିଜ ମତାମତ ବ୍ୟକ୍ତ କରିଥିଲେ।କାର୍ଯ୍ୟକ୍ରମରେ ମେଜର ଡୋନର ଓ ବିଶିଷ୍ଟ ରୋଟାରୀ ନେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ କ୍ଲବର ଚାର୍ଟର ଦିବସ କେକ୍ କଟା ଓ ସାମୂହିକ ଫଟୋ ମାଧ୍ୟମରେ ପାଳିତ ହୋଇଥିଲା।

ଓରିଏଣ୍ଟ ପେପର୍ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍

CIN: L21011OR1936PLC000117

ପଞ୍ଜୀକୃତ କାର୍ଯ୍ୟାଳୟ: ୟୁନିଟ୍ ୮, ପ୍ଲଟ ନଂ ୭, ଭୋଇନଗର, ଭୁବନେଶ୍ୱର-୭୫୧୦୧୨ (ଓଡ଼ିଶା)
Tel: (0674) 239 6930 I E-mail: cosec@opil.in I Website: www.orientpaper.in

ବିଜ୍ଞପ୍ତି

ଏତଦ୍ୱାରା ବିଜ୍ଞପ୍ତି ଦିଆଯାଉଛି ଯେ, ସେବି ସର୍ତ୍ତୁଲାର ନଂ. **HO/38/13/11(2)2026-MIRSD-POD/I/3750/2026** ତାରିଖ : ଜାନୁୟାରୀ ୩୦, ୨୦୨୬ ଅନୁଯାୟୀ ଏପ୍ରିଲ ୦୧, ୨୦୧୯ ପୂର୍ବରୁ ବିକ୍ରୟ/କ୍ରୟ କରାଯାଇଥିବା ବାସ୍ତବ ସିକ୍ୟୁରିଟିଜଗୁଡିକର ହସ୍ତାନ୍ତର ଏବଂ ଡିମାଟେରିଆଲାଇଜେସନ ପାଇଁ ଫେବୃୟାରୀ ୦୫,୨୦୨୬ ରୁ ଫେବୃୟାରୀ ୦୪, ୨୦୨୭ ଏକ ସ୍ୱତନ୍ତ୍ର ଡ୍ରିଭୋ ଖୋଲାଯାଇଛି। ଏହି ସ୍ୱତନ୍ତ୍ର ଡ୍ରିଭୋ ସେହି ହସ୍ତାନ୍ତର ଆବେଦନଗୁଡିକ ପାଇଁ ମଧ୍ୟ ଉପଲବ୍ଧ ହେବ ଯାହା ପୂର୍ବରୁ ଦାଖଲ କରାଯାଇଥିଲା ଏବଂ ତ୍ରୁଟି କାରଣରୁ ପ୍ରତ୍ୟାଖ୍ୟାନ କରାଯାଇଛି/ଫେରସ୍ତ କରାଯାଇଛି/ଗ୍ରହଣ କରାଯାଇନାହିଁ, ଯାହା ସଂଶୋଧନର ଆବଶ୍ୟକତା କରୁଛି ଏବଂ ଉପର ଲିଖିତ ସମୟସୀମା ମଧ୍ୟରେ ପୁନଃଦାଖଲର ଆବଶ୍ୟକତା ରହିଛି।

ଏହି ସମସ୍ତ ଟ୍ରାନ୍ସଫରଗୁଡିକ କେବଳ ଡିମାଟେରିଆଲାଇଜଡ୍ ଫର୍ମରେ ପ୍ରକ୍ରିୟାକରଣ କରାଯିବ ଏବଂ ସେବି ଗାଇଡ୍ଲାଇନ୍ ଅନୁଯାୟୀ ହସ୍ତାନ୍ତରର ପଞ୍ଜୀକରଣ ତାରିଖ ଠାରୁ ଏକ ବର୍ଷର ଲକ୍ ଇନ୍ ପିରିୟଡ୍ ଲାଗୁ ହେବ।

ଅଧିକ ବିବରଣୀ ପାଇଁ ଆପଣ କମ୍ପାନୀକୁ **cosec@opil.in** ରେ କିମ୍ବା ଆର୍ଟିଏ ଅର୍ଥାତ୍ କେଫିନ ଟେକ୍ନୋଲୋଜି ଲିମିଟେଡ୍କୁ ଟୋଲ ଫ୍ରି ନଂ. **1800-309-4001**/E-mail:einward.ris@kfintech.com/ Website : www.kfintech.com ରେ ଯୋଗାଯୋଗ କରିପାରିବେ।

ଓରିଏଣ୍ଟ ପେପର୍ ଏବଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ନିମନ୍ତେ
ଆର୍. ପି. ଦତ୍ତ
କମ୍ପାନୀ ସେକ୍ରେଟାରୀ

ଭୁବନେଶ୍ୱର
୨୪ ଜୁଲାଇ,୨୦୨୬

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.17-KUR-TRD-OT-2026-27

କାର୍ଯ୍ୟର ନାମ : ଡିପୋଜିଟ୍ ଟର୍ମରେ ସାନକେ